ଫାଜିକା କୋପେରେଟିଭ୍ ସୁଗାର ମିଲ୍ସ

ବନାମ

ଜତିନ୍ଦର କୁମାର ଗୁପ୍ତା ଏବଂ ଅନ୍ୟଜଣେ

ଏପ୍ରିଲ୍ 25, 2007

[ଡଃ ଅରିଜିତ ପଶାୟତ ଏବଂ ଡି.କେ.ଜୈନ, ନ୍ୟାୟମୂର୍ତ୍ତିଦ୍ୱୟ]

*ଶ୍ରମ ଅଧିନିୟମ:*

*ସେବାରୁ ବରଖାସ୍ତ – କର୍ମଚାରୀଙ୍କ ଦ୍ୱାରା ଏକ ରିଟ୍ ଆବେଦନ ଉପରେ କର୍ମଚାରୀଙ୍କୁ ଜୀବିକା ନିର୍ବାହ ଭତ୍ତା ଦେବାକୁ ପରିଚାଳନା କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି- ପରିଚାଳନା ସେହି ଦେୟ ଦେଇ ନଥିଲା- ଶ୍ରମ ନ୍ୟାୟାଳୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ପ୍ରମାଣ ଉପସ୍ଥାପନ କରିବାକୁ ଅନୁମତି ଦେଲେ ନାହିଁ - ପୂର୍ବ ମଜୁରୀ ସହିତ ପୁନଃସ୍ଥାପନ ପାଇଁ ନିର୍ଦ୍ଦେଶ ଦେଲେ- ଉଚ୍ଚ ନ୍ୟାୟାଳୟ ତାହାକୁ ବଜାୟ ରଖିଛନ୍ତି - ବିରୁଦ୍ଧରେ ଆପତ୍ତି – ଦର୍ଶାଯାଇଛି, ତଥ୍ୟଗୁଡ଼ିକ ଉପରେ, ଦୀର୍ଘ ସମୟ ବିତିଯିବା ପରେ, ପୁନଃସ୍ଥାପନ ନିର୍ଦ୍ଦେଶ ଦେବା ଠିକ ନୁହେଁ- ଆଇନଗତ ଭାବରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅପରିବର୍ତ୍ତନୀୟ ଅଟେ- କିନ୍ତୁ ବିଶିଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି, ପରିଚାଳନା କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଏବଂ ଚୂଡ଼ାନ୍ତ ସମାଧାନରେ ଶ୍ରମିକଙ୍କୁ 2 ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।*

ଉତ୍ତରଦାତା- ଶ୍ରମିକଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା ଏବଂ ସେ ଶିଳ୍ପ ବିବାଦ ଉଠାଇଥିଲେ । ଶ୍ରମିକଙ୍କ ଦ୍ୱାରା ଦାୟର ରିଟ୍ ଆବେଦନରେ, ଉଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କୁ ଜୀବିକା ନିର୍ବାହ ଭତ୍ତା ଦେବାକୁ ପରିଚାଳନାକୁ ନିର୍ଦ୍ଦେଶ ଦେଇଥିଲେ । ଅପିଲକାରୀ-ପରିଚାଳନା ଜୀବିକା ନିର୍ବାହ ଭତ୍ତା ଦେଇ ନଥିଲେ, ଶ୍ରମ ନ୍ୟାୟାଳୟ ଶ୍ରମିକଙ୍କ ସପକ୍ଷରେ ନିଷ୍ପତ୍ତି ନେଲେ ଏବଂ ପ୍ରମାଣ ଉପସ୍ଥାପନ ପାଇଁ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଅନୁମତି ମନା କରିଦେଲେ । ତା'ପରେ ସେମାନେ ଜୀବିକା ନିର୍ବାହ ଭତ୍ତା ପ୍ରଦାନ କଲେ ।

ବ୍ୟଥିତ ପରିଚାଳନା କର୍ତ୍ତୃପକ୍ଷ ସମିତି ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ରିଟ୍ ଆବେଦନ ଦାଖଲ କରିଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନ ଖାରଜ କରିଦେଇଥିଲେ । ତେବେ, ବର୍ତ୍ତମାନର ଅପିଲ ଅଟେ ।

ଅପିଲର ଫଏସଲା କରି, ଏହି ନ୍ୟାୟାଳୟ

ଦର୍ଶାଯାଇଛି : 1. ଗୋଟିଏ କାରଣ ସ୍ପଷ୍ଟ ଯେ, ଦେୟ ପାଇଁ କୌଣସି ତାରିଖ ସ୍ଥିର ନଥିଲା କିନ୍ତୁ କାର୍ଯ୍ୟାନୁଷ୍ଠାନରେ ଶ୍ରମ ନ୍ୟାୟାଳୟ ସମ୍ମୁଖରେ ତାରିଖ ସ୍ଥିର କରାଯାଇଥିଲା । ଶ୍ରମ ନ୍ୟାୟାଳୟର ପ୍ରମାଣ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ପରେ ପରିଚାଳନା କର୍ତ୍ତୃପକ୍ଷଙ୍କ ଦୃଷ୍ଟିରୁ ଜୀବିକା ନିର୍ବାହ ଭତ୍ତା ପ୍ରଦାନକୁ କୌଣସି ପ୍ରକାରେ ମନମୁଖୀ ବୋଲି

**କୁହାଯାଇପାରିବ ନାହିଁ । ତଥାପି, 1992 ରେ ଖାରଜ ଆଦେଶ ପାରିତ କରାଯାଇଥିଲା ଏବଂ 11.5.1994 ରେ ଶିଳ୍ପ ବିବାଦ ଅଧିନିୟମ, 1947 ର ଧାରା- 2A ଅଧୀନରେ ଶିଳ୍ପ ବିବାଦ ଉଠାଯାଇଥିଲା ଏବଂ ତା'ପରେ ଅଧିନିୟମର ଧାରା-10(1)(c) ଅଧୀନରେ ଏକ ବିଚାରର୍ଥେ ପ୍ରେରଣ କରାଯାଇଥିଲା ।**

**2. ପରିଚାଳନା କର୍ତ୍ତୃପକ୍ଷଙ୍କୁ ଯୋଗ୍ୟତା ଅନୁଯାୟୀ ଉତ୍ତରଦାତାଙ୍କୁ ପ୍ରମାଣ ଉପସ୍ଥାପନ କରିବା ପାଇଁ ସୁଯୋଗ ଦେବାକୁ ଆବଶ୍ୟକ କରାଯାଇଥିଲା । ଯେହେତୁ ତଦନ୍ତ ନିରପେକ୍ଷ ଏବଂ ଉପଯୁକ୍ତ ଭାବରେ କରାଯାଇ ନଥିଲା ବୋଲି ଅଭିଯୋଗ ହୋଇଥିଲା, ପ୍ରମାଣ ଯୋଗାଡ଼ କରିବା ପାଇଁ ପରିଚାଳନାକର୍ତ୍ତୃପକ୍ଷଙ୍କୁ ସୁଯୋଗ ଦିଆଯାଇଥିଲା । ଉତ୍ତରଦାତା- ଶ୍ରମିକଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ୍ ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟ ବିଜ୍ଞପ୍ତି ଜାରି କରିଥିଲେ । ଏତେ ଦିନ ବିତିବା ପରେ ପୁନଃସ୍ଥାପନ ନିର୍ଦ୍ଦେଶ ଦେବା ଠିକ ହେବ ନାହିଁ ଏବଂ ତାହା ମଧ୍ୟ ପୂର୍ବ ମଜୁରୀଗୁଡ଼ିକ ସହିତ । ଏହା ଦର୍ଶାଯାଇଛି ଯେ, ଅପିଲକାରୀ 35 କୋଟି ଟଙ୍କା ମୂଲ୍ୟର ବିପୁଳ କ୍ଷତି ସହୁଛନ୍ତି । ମାମଲାର ତଥ୍ୟ ଏବଂ ପରିସ୍ଥିତିଗୁଡ଼ିକ ଅନୁସାରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଇନଗତ ଭାବରେ ଅପରିବର୍ତ୍ତନୀୟ ଅଟେ । କିନ୍ତୁ ମାମଲାର ବିଶିଷ୍ଟ ତଥ୍ୟଗୁଡ଼ିକୁ ଦୃଷ୍ଟିରେ ରଖି, ଉତ୍ତରଦାତା- ଶ୍ରମିକଙ୍କ ଦାବିର ପୂର୍ଣ୍ଣ ଏବଂ ଚୂଡ଼ାନ୍ତ ସମାଧାନ ପାଇଁ 6 ମାସର ଅବଧି ମଧ୍ୟରେ 2 ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତରଦାତା-ଶ୍ରମିକଙ୍କର ଆଉ କୌଣସି ଦାବି ରହିବ ନାହିଁ ଏବଂ/କିମ୍ବା ଅପିଲକାରୀଙ୍କର ଉତ୍ତରଦାତା-ଶ୍ରମିକଙ୍କ ବିରୁଦ୍ଧରେ କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା- 2144/2007 ।

ଦେୱାନୀ ରିଟ୍ ଆବେଦନ ସଂଖ୍ୟା- 1655/2004 ରେ ଚଣ୍ଡିଗଡ଼ର ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ତା08.04.2004ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏସ୍. ଜନନୀ ଏବଂ ଦୀପକ ଗୋଏଲ୍ ।

ଉତ୍ତରଦାତାମାନଙ୍କ ପାଇଁ ପରମଜୀତ ସିଂହ ପଟୱାଲିଆ, ଅମନପ୍ରିତ ସିଂହ ରାହି, କିରନ ସୁରି ଏବଂ ଦେବେସ୍ ତ୍ରୀପାଠି ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା :

**ଡଃ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି ।** 1. ଅନୁମତି ଦିଆଗଲା ।

2. ଏହି ଅପିଲରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ଏକ ଖଣ୍ଡ ପୀଠଙ୍କ ଦ୍ୱାରା ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନକୁ ଖାରଜ କରାଯାଇଥିବା ପାରିତ ଆଦେଶକୁ ଆପତ୍ତି କରାଯାଇଛି । ଏହି ରିଟ୍ ଆବେଦନରେ ଶ୍ରମ ନ୍ୟାୟାଳୟ, ଭଟିଣ୍ଡା ପଞ୍ଜାବଙ୍କ ଦ୍ୱାରା କରାଯାଇଥିବା ତାରିଖ 10.12.2003କୁ ଦିଆଯାଇଥିବା ଅଧିନିର୍ଣ୍ଣୟକୁ ଆପତ୍ତି କରାଯାଇଥିଲା । ଉକ୍ତ ଅଧିନିର୍ଣ୍ଣୟ ଦ୍ୱାରା ଉତ୍ତରଦାତା ସଂଖ୍ୟା-1-କର୍ମଚାରୀଙ୍କୁ ଦାବି ବିଜ୍ଞପ୍ତି ତାରିଖ ଠାରୁ 50% ବକେୟା ମଜୁରୀ ସହିତ ସେବାର ନିରନ୍ତରତା ସହିତ ସେବାରେ ପୁନଃସ୍ଥାପିତ ହେବାକୁ ନିର୍ଦ୍ଦେଶ

ଦିଆଯାଇଥିଲା । ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଅଭିଯୋଗ ଥିଲା ଯେ, ଅପିଲକାରୀଙ୍କୁ ପ୍ରମାଣ ଉପସ୍ଥାପନ କରିବାର ସୁଯୋଗ ଦିଆଯାଇନଥିଲା । ଏହା ଦେଖାଯାଏ ଯେ, ରିଟ୍ ଆବେଦନ ସଂଖ୍ୟା-14465/2001 ରେ ଶ୍ରମିକଙ୍କୁ ଜୀବିକା ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଯେହେତୁ ଜୀବିକା ଭତ୍ତା ପ୍ରଦାନ କରାଯାଇ ନଥିଲା, ଶ୍ରମ ନ୍ୟାୟାଳୟ ଉତ୍ତରଦାତାଙ୍କ ସପକ୍ଷରେ ନିଷ୍ପତ୍ତି ନେଇଥିଲେ ଏବଂ ଅପିଲକାରୀଙ୍କୁ ପ୍ରମାଣ ଉପସ୍ଥାପନ କରିବାକୁ ଅନୁମତି ଦିଆଯାଇନଥିଲା । ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତାଙ୍କ ଅନୁଯାୟୀ, ଗ୍ରହଣ କରାଯାଇଥିବା ପନ୍ଥା ବେଆଇନ ଥିଲା । ଉତ୍ତରଦାତା-ଶ୍ରମିକଙ୍କ ବିଜ୍ଞ ଅଧିବକ୍ତା, ତଥାପି, ଏହି ଆଦେଶକୁ ସମର୍ଥନ କରି କହିଛନ୍ତି ଯେ, ଜୀବିକା ଭତ୍ତା ପ୍ରଦାନ ପାଇଁ ଶ୍ରମ ନ୍ୟାୟାଳୟଙ୍କର ଆଦେଶ ବେଆଇନ ନୁହେଁ ଏବଂ ତେଣୁ, ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ଖାରଜ କରିବାରେ ନ୍ୟାୟସଙ୍ଗତ ଥିଲା ।

3. ଯେପର୍ଯ୍ୟନ୍ତ ତଥ୍ୟାତ୍ମକ ସ୍ଥିତି ସମ୍ପୃକ୍ତ ଅଟେ, କିଛି ସବିଶେଷକୁ ଧ୍ୟାନ ଦେବା ଆବଶ୍ୟକ ଅଟେ ।

4. ସି.ଡବ୍ଲ୍ୟୁ.ପି.ସଂଖ୍ୟା-14465/2001 ରେ ପାରିତ ହୋଇଥିବା ତା18.9.2001ରିଖ ଦ୍ୱାରା ଉଚ୍ଚ ନ୍ୟାୟାଳୟଙ୍କ ଏକ ଖଣ୍ଡ ପୀଠ ଏହି ମାମଲାକୁ 19.2.2002 ରେ ଜଣେ ବିଜ୍ଞ ଏକକ ବିଚାରପତିଙ୍କ ସମ୍ମୁଖରେ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଇତି ମଧ୍ୟରେ, ଶ୍ରମ ନ୍ୟାୟାଳୟରେ ଏହି ମାମଲାର ଯୁକ୍ତି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ଜଣାପଡ଼େ ଯେ, 5291/-ଟଙ୍କାର ପରିମାଣ ଜୀବିକା ଭତ୍ତା ଅପିଲକାରୀଙ୍କ ଦ୍ୱାରା ତାରିଖ 30.1.2002 ର ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ପ୍ରଦାନ କରାଯାଇଥିଲା । କିନ୍ତୁ ଶ୍ରମ ନ୍ୟାୟାଳୟ ତା5.12.2001ରିଖର ଆଦେଶ ମାଧ୍ୟମରେ ପରିଚାଳନାକର୍ତ୍ତୃପକ୍ଷଙ୍କର ପ୍ରମାଣକୁ ଏହି ଆଧାରରେ ସମାପ୍ତ କରିଦେଇଥିଲେ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ତା18.9.2001ରିଖର ଆଦେଶ ସେହି ତାରିଖ ସୁଦ୍ଧା ଅନୁପାଳନ କରାଯାଇ ନାହିଁ । ନିର୍ବିବାଦିତ ଭାବରେ, ତା5.12.2001ରିଖର ଆଦେଶ ଦ୍ୱାରା ସାକ୍ଷ୍ୟ ସମାପ୍ତ ହେବା ପରେ ଶ୍ରମିକଙ୍କୁ ଜୀବିକା ଭତ୍ତା ପ୍ରଦାନ କରାଯାଇଥିଲା । ପରିଚାଳନା କର୍ତ୍ତୃପକ୍ଷ ଶ୍ରମିକଙ୍କୁ ଜୀବିକା ଭତ୍ତା ପ୍ରଦାନ କରିନଥିଲା । ତଦନ୍ତ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ତଦନ୍ତ ପ୍ରକ୍ରିୟା ସମୟରେ ତାଙ୍କୁ ପୁନଃ ସେବାରେ ନିଯୁକ୍ତ କରାଯାଇ ନଥିଲା । ଏହା ସତ୍ୟ ଯେ, କୌଣସି ତାରିଖ ସ୍ଥିର କରାଯାଇ ନଥିଲା । ଉଚ୍ଚ ନ୍ୟାୟାଳୟଙ୍କର ମତ ଥିଲା ଯେ, ପରିଚାଳନା କର୍ତ୍ତୃପକ୍ଷଙ୍କର ଆଚରଣକୁ ଦେଖି ଶ୍ରମ ନ୍ୟାୟାଳୟଙ୍କର ରାୟରେ କୌଣସି ହସ୍ତକ୍ଷେପ ଆବଶ୍ୟକ ନାହିଁ ।

5. ଗୋଟିଏ କାରଣ ସ୍ପଷ୍ଟ ଯେ, ଦେୟ ପାଇଁ କୌଣସି ତାରିଖ ସ୍ଥିର ହୋଇନଥିଲା, କିନ୍ତୁ, କାର୍ଯ୍ୟାନୁଷ୍ଠାନରେ ଶ୍ରମ ନ୍ୟାୟାଳୟ ସମ୍ମୁଖରେ ତାରିଖ ସ୍ଥିର କରାଯାଇଥିଲା । ପରିଚାଳନା ସମ୍ବନ୍ଧୀୟ ସାକ୍ଷ୍ୟକୁ ସମାପ୍ତ କରିବା ପାଇଁ ଶ୍ରମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଜୀବିକା ଭତ୍ତା ପ୍ରଦାନକୁ କୌଣସି ପ୍ରକାରେ ମନମୁଖୀ ବୋଲି କୁହାଯାଇପାରିବ ନାହିଁ । ତେବେ, 1992ରେ ବରଖାସ୍ତ ଆଦେଶ ପାରିତ ହୋଇଥିଲା ଏବଂ ଶିଳ୍ପ ବିବାଦ ଅଧିନିୟମ, 1947 (ସଂକ୍ଷେପରେ 'ଅଧିନିୟମ') ର ଧାରା-2A ଅଧୀନରେ 11.5.1994 ଉପରେ ଶିଳ୍ପ ବିବାଦ ଉଠାଯାଇଥିଲା ଏବଂ ଏହା ପରେ ଅଧିନିୟମର ଧାରା- 10(1)(c) ଅଧୀନରେ ଏକ ବିଚାରାର୍ଥେ ପ୍ରେରଣ ପ୍ରସ୍ତୁତ କରାଯାଇଥିଲା ।

6. ଯେପର୍ଯ୍ୟନ୍ତ ତଥ୍ୟାତ୍ମକ ସ୍ଥିତି ସମ୍ପୃକ୍ତ ଅଟେ, କିଛି ଦ୍ୱନ୍ଦ୍ୱ ଥିବା ପରି ମନେହୁଏ । ପରିଚାଳନା କର୍ତ୍ତୃପକ୍ଷ ଉତ୍ତରଦାତାଙ୍କୁ ଯୋଗ୍ୟତା ଆଧାରରେ ପ୍ରମାଣ ଉପସ୍ଥାପନ କରିବା ପାଇଁ ସୁଯୋଗ ଦେବା ଆବଶ୍ୟକ ଥିଲା । ଯେହେତୁ ତଦନ୍ତ ଆରୋପିତ ଅନୁଯାୟୀ ନିରପେକ୍ଷ ଏବଂ ଉପଯୁକ୍ତ ଢଙ୍ଗରେ କରାଯାଇ ନଥିଲା, ତେଣୁ, ପରିଚାଳନାକୁ ସାକ୍ଷ୍ୟ ଦାଖଲ କରିବାକୁ ସୁଯୋଗ ଦିଆଯାଇଥିଲା । ଉତ୍ତରଦାତା-ଶ୍ରମିକଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟ ସୂଚନା ଜାରି କରିଥିଲେ । ଏହି ଦୀର୍ଘ ସମୟ ପରେ ପୁନଃସ୍ଥାପନ ନିର୍ଦ୍ଦେଶ ଦେବା ଉଚିତ ହେବ ନାହିଁ ଏବଂ ତାହା ମଧ୍ୟ ପୂର୍ବ ମଜୁରୀ ସହିତ । ଏହା ଦର୍ଶାଯାଇଛି ଯେ, ଅପିଲକାରୀ ବିପୁଳ ପରିମାଣର 35 କୋଟି ଟଙ୍କାର କ୍ଷତି ସହିଛନ୍ତି । ମାମଲାର ତଥ୍ୟ ଏବଂ ପରିସ୍ଥିତିଗୁଡ଼ିକରେ ଆଇନରେ ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ଅପରିବର୍ତ୍ତନୀୟ ଅଟେ । କିନ୍ତୁ, ମାମଲାର ବିଶିଷ୍ଟ ତଥ୍ୟଗୁଡ଼ିକୁ ଧ୍ୟାନରେ ରଖି ଆମେ ନିର୍ଦ୍ଦେଶ ଦେଉଛୁ ଯେ, ଉତ୍ତରଦାତା-ଶ୍ରମିକଙ୍କ ଦାବିର ସମ୍ପୂର୍ଣ୍ଣ ଏବଂ ଚୂଡ଼ାନ୍ତ ସମାଧାନରେ ଆଜିଠାରୁ 6 ମାସ ମଧ୍ୟରେ 2 ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଉତ୍ତରଦାତା-ଶ୍ରମିକଙ୍କର ଆଉ କୌଣସି ଦାବି ରହିବ ନାହିଁ ଏବଂ/କିମ୍ବା ଅପିଲକାରୀଙ୍କ ଉତ୍ତରଦାତା-ଶ୍ରମିକଙ୍କ ବିରୁଦ୍ଧରେ କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

7. ତଦନୁସାରେ ଅପିଲଟିର ପରିସମାପ୍ତି କରାଯାଉଛି । ଖର୍ଚ୍ଚ ବିଷୟରେ କୌଣସି ଆଦେଶ ରହିବ ନାହିଁ ।

ଡିଜି । ଅପିଲ ପରିସମାପ୍ତି ହୋଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**